# Akashvani, Sambalpur

# SAMBALPURI NEWS BULLETIN

## 16 November 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ ସିଙ୍ଗାପୁର୍ ଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ସିଙ୍ଗାପୁର୍ ଗସ୍ତ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଆଏବା କାଏଲ୍‌ନୁ ୨୦ ତାରିଖ୍‌ତକ୍ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର୍‌ର ଶିଳ୍ପପତି ଆଉ ବାଣିଜ୍ୟିକ ପ୍ରତିନିଧି ମାନ୍‌କର୍ ସହେତେ ଆଲୋଚନା କର୍‌ବେ ଆର୍ ଓଡ଼ିଶାକେ ଆସ୍‌ବାର୍ ଲାଗି ନିମନ୍ତ୍ରଣ୍ କର୍‌ବେ । ଆଏବା ଜାନୁଆରୀ ୨୮ ଆଉ ୨୯ ତାରିଖ୍ ଉତ୍କର୍ଷ ଓଡ଼ିଶା 'ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫' ହେବା । ଇତାକେ ନଜର୍‌ଥି ରଖିକରି ରାଜ୍ୟ ଶିଳ୍ପ ବିଭାଗ୍ ତର୍‌ଫୁ ସିଙ୍ଗାପୁର୍ ନ ରୋଡ୍ ସୋ ଆୟୋଜନ୍ କରାଯାଉଛେ ।

ଭୁବନେଶ୍ୱର୍ ଝାର୍‌ସୁଗୁଡ଼ା ବିମାନ୍ ସେବା ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ୍ ବନ୍ଦର୍ ନୁ ୫ ଟା ନୂଆଁ ସହର୍ ଆର୍ ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ନୁ ୪ ଟା ନୂଆଁ ସହର୍‌କେ ବିମାନ୍ ଚଲାଚଲ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଏକ୍ସ ଜରିଏ ସୂଚ୍‌ନା ଦେଇଛନ୍ । ଭୁବ୍‌ନେଶ୍ୱର୍‌ନୁ ଇନ୍ଦୋର୍, ଡେରାଡୁନ୍, କୋଚି, ଜୟପୁର୍, ଲକ୍ଷ୍ନୌକେ ଆର୍ ଝାର୍‌ସୁଗୁଡ଼ାନୁ ହାଇଦ୍ରାବାଦ୍, ରାୟପୁର୍, ଲକ୍ଷ୍ନୌ ଆର୍ ମୁମ୍ବାଇକେ ସିଧାସଲଖ୍ ବିମାନ୍ ସେବା ମୁଲ୍ ହେବା । ଇଟା ରାଏଜେ ବିମାନ୍ ସେବା ବ୍ୟବସ୍ଥାକେ ଅଏତ୍‌କା ମଜ୍‌ବୁତ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବୋଇତ ବନ୍ଦାଣ - କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ବୋଇତ ବନ୍ଦାଣ ହେଉଛେ ଅନ୍ୱେଷଣ ଆଉ ଉଦ୍ୟୋଗୀ ଭାବ୍‌ନାର୍ ଗୁଟେ ଉତ୍ସବ । ହାଇଦ୍ରାବାଦ୍ ଠାନେ ଆଇଏସ୍‌ବି ଇନ୍‌ସାଇଟ୍ ଫୋରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କାର୍ତ୍ତିକ୍ ପୁନି ଆଉ ଓଡ଼ିଶାର୍ ବୋଇତ ବନ୍ଦାଣ ଉତ୍ସବ୍‌ର ମହାତ୍ମ୍ୟ ଉପ୍‌ରେ ଆଲୋଚନା କରିକରି ଇଟା କହିଛନ୍ । ଆମର୍ ସମୃଦ୍ଧ

ସାମୁଦ୍ରିକ ନୌବାଣିଜ୍ୟ ଇତିହାସ୍‌କେ ମନେ ପକାବାର୍ ସହେତେ ସାଧବ ପୁଓ ମାନ୍‌କୁ ସମ୍ମାନ୍ ଦେବାର୍ ଲାଗି ଇଟା ଗୁଟେ ଅବ୍‌ସର୍ ଆଏ । ସାରା ପୁର୍‌ଥି ଆଏଜ୍ ଭାରତ୍‌କେ ବଡ଼ ବିଶ୍ୱାସ୍‌ର ଆଖିଥି ଦେଖୁଛେ । ଦେଶର୍ ଉଦ୍ୟମିତା କ୍ଷମତା ଆର୍ ବୌଦ୍ଧିକ ଦକ୍ଷତା ପୁର୍‌ଥିର୍ ଅଭିବୃଦ୍ଧି ଇଞ୍ଜିନ୍ ଭାବେ କାମ୍ କର୍‌ବା । ଅମୃତ୍ କାଲ୍‌ର ଇ ୨୫ ବରସ୍ ଖାଲି ଭାରତ୍ ଲାଗି ନୁହେଁ, ସାରା ପୁର୍‌ଥିର୍ ଲାଗି ଗେମ୍ ଚେଞ୍ଜର୍ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ବାଲିଯାତ୍ରା- ବିଦେଶ୍ ପ୍ରତିନିଧି ଆର୍‌ଏନ୍‌ୟୁ / ସମ୍ବଲପୁର

କଟକ୍ ଠାନେ ଉସ୍‌ନାକିର୍ ସହେତେ ପ୍ରସିଦ୍ଧ ବାଲିଯାତ୍ରା ଗଲାକାଏଲ୍ ମୁଲ୍ ହେଇଛେ । ଇତାର୍ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ଓଡ଼ିଶାର୍ ଗୌରବମୟ ଇତିହାସ୍‌ର ଗୁଟେ ସୁନ୍ଦର୍ ପରିଚୟ ହେଉଛେ ବାଲିଯାତ୍ରା । ସାବର୍‌ମତୀ ରିଭର୍‌ଫ୍ରଂଟ୍ ପ୍ରକଳ୍ପ ବାଗିର୍ କଟକ୍ ଆର୍ ସମ୍ବଲ୍‌ପୁର୍ ମହାନଦୀର୍ ବିକାଶ୍ ଲାଗି ୨ ଶହ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ବାଲିଯାତ୍ରାଥି ସାମିଲ୍ ହେଇଥିବା ୧୪ ଟା ଦେଶର୍ ରାଷ୍ଟ୍ରଦୂତମାନ୍‌କୁ ମୁଖ୍ୟମନ୍ତ୍ରୀ ସ୍ମାରିକା ଉପହାର୍ ଦେଇକରି ସମ୍ବର୍ଦ୍ଧିତ କରିଥିଲେ ଆଉ ସାନ୍ତାଳି ଭାଷାଥି ଲେଖାଯାଇଥିବାର୍ ଭାରତୀୟ ରିଜର୍ଭ ବେଙ୍କ୍‌ର ଆର୍ଥିକ୍ ସାକ୍ଷରତା ପୁସ୍ତକ ଉନ୍ମୋଚନ୍ କରିଥିଲେ ।

ଶ୍ରୀମନ୍ଦିର ଚାର୍‌ହି ଦୁଆର ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ଠାନୁ ପୁରୀ ଶ୍ରୀମନ୍ଦିର୍‌ର ଚାର୍‌ହି ଦିଆର ଦେଇକରି ଭକ୍ତମାନେ ବଡ଼ଦେଉଳକେ ଯାଇପାର୍‌ବେ । ହେଲେ ସିଂହଦୁଆରକେ ଛାଡ଼ିକରି ଅଲ୍‌ଗା ୩ ଦୁଆର ଦେଇକରି ବାହାର୍ ବାହାରିପାର୍‌ବେ । ସେବାୟତ ଆର୍ ସେମାନ୍‌କର୍ ପରିବାର୍‌ର ଲୁକେ ସବୁ ଦୁଆର ଦେଇକରି ବଡ଼ଦେଉଳକେ ଯା'ଆସ୍ କରିପାର୍‌ବେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଜାରି କରାଯାଇଛେ । କାର୍ତିକ୍ ମାସେ ଭିଡ଼୍‌କେ ନଜର୍‌ଥି ରଖିକରି ଖାଲି ସିଂହଦୁଆର ଦେଇକରି ଶ୍ରୀମନ୍ଦିର୍‌କେ ପ୍ରବେଶ୍‌ର ବ୍ୟବସ୍ଥା କରାଯାଇଥିଲା । ହେନ୍ତା ଶ୍ରୀମନ୍ଦିର୍ ନାଟମଣ୍ଡପ ନ ଭକ୍ତମାନ୍‌କର୍ ଲାଗି ଦର୍ଶନ୍ ଶୃଙ୍ଖଲା ଆନ୍‌ବାର୍‌କେ ପ୍ରଶାସନର ନୂଆଁ ବ୍ୟବସ୍ଥା କରାଯାଉଛେ ବଲି ସୂଚ୍‌ନା ମିଳିଛେ ।

ରାଜ୍ୟସ୍ତରୀୟ କଳା ଉତ୍ସବ୍ ଆର୍ଏନ୍ୟୁ / ସମ୍ବଲପୁର

ଭୁବ୍ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ କଳା ଉତ୍ସବ୍ ହେଇଯାଇଛେ । ଇଥି କୃତୀ ପ୍ରତିଯୋଗୀମାନ୍କୁ ପୁରସ୍କୃତ୍ କରାଯାଇଥିଲା । ଯନ୍ତ୍ରସଂଗୀତ୍ଥି ବଲାଙ୍ଗିର୍ ସୁହାସିଂହାର ଅମିତ୍ ସିନ୍ଦ୍ରିଆ, ଭିଜୁଆଲ୍ କଳାଥି ସମ୍ବଲ୍ପୁର୍ ସର୍କାରୀ ମହିଳା କଲେଜ୍ର ଖୁସି ଶାହା, କଣ୍ଠ ସଂଗୀତଥି କେନ୍ଦୁଝର୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ଅଭିଲିପ୍ସା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମ୍କେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ୍ ମିଶ୍ର ଉଦ୍ଘାଟନ୍ କରିଥିଲେ ।

ବେଣ୍ଡ୍ ପ୍ରତିଯୋଗିତା ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ ବେଣ୍ଡ୍ ପ୍ରତିଯୋଗିତା ଭୁବ୍ନେଶ୍ୱର୍ ୟୁନିଟ୍-୬ ବାଳିକା ହାଇସ୍କୁଲ୍ ଠାନେ ହେଇଯାଇଛେ । ଉଦ୍ଯାପନୀ ଉତ୍ସବ୍ଥି ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ କୃତୀ ପ୍ରତିଯୋଗୀମାନ୍କୁ ପୁରସ୍କାର୍ ପ୍ରଦାନ୍ କରିଥିଲେ । ଇନ ପହେଲା ସ୍ଥାନ ହାସଲ୍ କରିଥିବାର୍ ଶିଶୁ ବିଭାଗ୍ର ବର୍ଗଡ଼୍ ଜର୍ଜ ହାଇସ୍କୁଲ୍ ବାଳିକା ବିଭାଗ୍ର

ୟୁନିଟ୍ ୨ କେପିଟାଲ୍ ସର୍କାରୀ ହାଇସ୍କୁଲ୍ ଆଉ ବାଳକ ବିଭାଗ୍ ମୟୁର୍ଭଞ୍ଜ ବିବେକାନନ୍ଦ ପବ୍ଲିକ୍ ହାଇସ୍କୁଲ୍ ଆସାମ୍ ନ ହେବାର୍କେ ଥିବାର୍ ଜୋନ୍ସ୍ତରୀୟ ପ୍ରତିଯୋଗିତାର୍ ଲାଗି ମନୋନୀତ୍ ହେଇଛନ୍ ।

ଜାତୀୟ ପ୍ରେସ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ପ୍ରେସ୍ ଦିବସ୍ । ୧୯୬୬ ମସିହା ଆଝିର୍ ଦିନେ କେନ୍ଦ୍ର ସର୍କାର୍ ଭାରତୀୟ ପ୍ରେସ୍ କାଉନ୍ସିଲ୍ ଗଠନ୍ କରିଥିଲେ । ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ, ହେଲେ ପ୍ରେସ୍ କାଉନ୍ସିଲ୍ ହେଉଛେ ସମ୍ବାଦପତ୍ରମାନ୍କର୍ ନୈତିକ ପ୍ରହରୀ । ସମ୍ବାଦପତ୍ରମାନ୍କର୍ କାମ୍ ଉପ୍ରେ ନଜର୍ ରଖିବାର୍ ସହେତେ ଦର୍କାର୍ ପଡ଼୍ଲେ ପରାମର୍ଶ, ସମୀକ୍ଷା ଆଉ ବିବାଦୀୟ ସମ୍ବାଦ ପ୍ରସାରଣ୍ ଉପ୍ରେ ବିଚାର୍ କର୍ବାର୍ ବାଗିର୍ ଆଉ ଅଲ୍ଗା କାମ୍ ମାନେ ନୈତିକ୍ ଯାଂଚ୍କର୍ତା ଭାବେ ପ୍ରେସ୍ କାଉନ୍ସିଲ୍ କର୍ସି । ନୂଆଦିଲ୍ଲୀ ନ ଭାରତୀୟ ପ୍ରେସ୍ କାଉନ୍ସିଲ୍ର ମୁଖ୍ୟ କାର୍ଯ୍ୟାଳୟ ଅଛେ । ପୁର୍ଥି ନ ଅନେକ୍ ପ୍ରେସ୍ କି ମିଡ଼ିଆ କାମ୍ କରୁଥିଲେ ଭିଲ୍ ଭାରତୀୟ ପ୍ରେସ୍ ପରିଷଦ୍ ଅନନ୍ୟ ଆଏ ଆଉ ଇଟା ଗୁଟେ ହିଁ ସଂସ୍ଥା ଯେନ୍ଟା ପ୍ରେସ୍ର ସ୍ୱାଧୀନତା ବଜାୟ ରଖିବାର୍ ଦିଗେ ବଦ୍ଧପରିକର ଆଏ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ଡଙ୍ଗା ପ୍ରତିଯୋଗିତା ସୁବର୍ଣ୍ଣପୁର୍ ସମ୍ବାଦଦାତା

ଓଡ଼ିଶାର୍ ନୌବାଣିଜ୍ୟ ପରମ୍ପରାକେ ସୁର୍‌ତା କର୍‌ବାର୍ ଉଦ୍ଦେଶ୍‌ଥି ଗଲାକାଏଲ୍ ସୁବର୍ଣ୍ଣପୁର୍‌ର ମହାନଦୀ ଠାନେ ରାଜ୍ୟସ୍ତରୀୟ ନୌଚାଲନା ପ୍ରତିଯୋଗିତା ହେଇଥିଲା । ଇଥି ସମ୍ବଲ୍‌ପୁର୍ ଦଲ୍ ପହେଲା, ବଲାଙ୍ଗିର୍ ଦୁଇ ନମ୍ବର୍ ଆର୍ ସୁବର୍ଣ୍ଣପୁର୍‌ର ପ୍ରତିଯୋଗୀ ଦଲ୍ ୩ ନମ୍ବର୍ ପୁରସ୍କାର୍ ହାସଲ୍ କରିଥିଲେ । ପ୍ରତିଯୋଗିତାଥି ଭିନ୍ ଭିନ୍ ଜିଲ୍ଲାନୁ ୭୨ ଝନ୍ ଯୁଆନ୍ ନାଗରିକ ଅଂଶଗ୍ରହଣ୍ କରିଥିଲେ ।